# କେନ୍ଦ୍ରାପଡା ପୌରପରିଷଦ, କେନ୍ଦ୍ରାପଡା

**ପତ୍ର ସଂଖ୍ୟା 7332 ତାରିଖ 8/11/23**

## ପ୍ରସ୍ତାବ ପାଇଁ ଅନୁରୋଧ

ବ୍ୟାଟେରି ଦ୍ୱାରା ପରିଚାଳିତ ଗାଡ଼ିରେ ସହାୟକ/Helper ନିମନ୍ତେ ସାମାଜିକ ସୁରକ୍ଷା ଯୋଜନା ଆନୁକୂଲ୍ୟରେ କେନ୍ଦ୍ରାପଡା ପୌରପରିଷଦ ଦ୍ୱାରା ପଞ୍ଜିକୃତ ସ୍ଥାନୀୟ Rag Pickers ଗୋଷ୍ଠୀମାନଙ୍କ ଠାରୁ ନିମ୍ନଲିଖିତ ପ୍ରସ୍ତାବ ଆହ୍ୱାନ କରାଯାଉଅଛି ।

୧. ମୁଦଦିଆ ଲଫାଫା ରେ ପ୍ରସ୍ତାବ ତା ୧୫-୧୧- ୨୦୨୩ ରିଖ ଅପରାହ୍ନ ୨ ଟା ସୁଦ୍ଧା କାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ପୌରପରିଷଦ ଙ୍କ ନିକଟକୁ କୋରିୟର / ସ୍ପିଡ଼ ପୋଷ୍ଟ କିମ୍ବା ହାତରେ ପହଁଚିବା ଦରକାର ।

୨. ହସ୍ତଗତ ହୋଇଥିବା ପ୍ରସ୍ତାବ ସବୁ ଉପୋରକ୍ତ ଦିନ ଅପରାହ୍ନ ୪ ଟା ସମୟରେ ସମ୍ପୃକ୍ତ Rag Pickers ଗୋଷ୍ଠୀ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ଖୋଲା ଯିବ ।

୩. ଇଚ୍ଛୁକ ଗୋଷ୍ଠୀ ତାଙ୍କ ପ୍ରସ୍ତାବ ସହ ଗୋଷ୍ଠୀ ପଞ୍ଜିକରଣ ପ୍ରମାଣ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ଯଥା ଆଧାର କାର୍ଡ ନକଲ/ ପାନ କାର୍ଡ ନକଲ/ Security Deposit ୫୦୦୦ ଟଙ୍କା ଡିମାଣ୍ଡ ଡ୍ରାଫ୍ଟ /ବ୍ୟାଙ୍କ ଖାତାରେ ଗୋଷ୍ଠୀର କେତେ ଅର୍ଥ ବ୍ୟାଙ୍କ ରେ ରହିଛି ତାର ନକଲ ସଂଲଗ୍ନ କରିଥିବେ ।

୪. ନିର୍ଦ୍ଧାରିତ ସମୟ ସୀମା ପରେ ହସ୍ତଗତ ହୋଇଥିବା ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ।

୫. ଗୋଷ୍ଠୀ ଚୟନ ପରେ ସେମାନେ ବ୍ୟାଟେରୀ ଗାଡି ସହାୟକ ପାଇଁ ମାନବ ସମ୍ବଳ ଯୋଗାଇବେ ।

୬. ଚୟନ ହୋଇଥିବା ଗୋଷ୍ଠୀର ପ୍ରତ୍ୟେକ ସହାୟକଙ୍କୁ ଦୈନିକ ୩୨୬ ଟଙ୍କା ପ୍ରଦାନ କରାଯିବ ।

୭. ବ୍ୟାଟେରୀ ଗାଡି ସହାୟକ ଗାଡି ପରିସର ସଫା ସୁତୁରା ରଖିବେ ଓ ଗାଡି ସହାୟକ ସମ୍ବନ୍ଧୀୟ ଯେତେବେଳେ ଯେଉଁ କାର୍ଯ୍ୟ ଦିଆଯିବ ସେହି କାର୍ଯ୍ୟ କରିବେ ।

୮. ଚୟନ ହୋଇଥିବା ଗୋଷ୍ଠୀ ବ୍ୟାଟେରୀ ଗାଡି ର କୌଣସି ଜିନିଷ ହଜିବା/ ସମ୍ପତ୍ତି ନଷ୍ଟ / ଅପବ୍ୟବହାର ନିମନ୍ତେ ଦାୟୀ ରହିବେ ।

୯. ପରିଚାଳନା କାର୍ଯ୍ୟ ସନ୍ତୋଷଜନକ ନହେଲେ ଚୟନ ହୋଇଥିବା ଗୋଷ୍ଠୀ ଙ୍କୁ ୧ ମାସ ନୋଟିସ ଦେଇ କାର୍ଯ୍ୟ ରୁ ନିବୃତ୍ତ କରିବା ନିମନ୍ତେ କ୍ଷମତା ନିର୍ବାହୀ ଅଧିକାରୀଙ୍କ ପାଖରେ ରହିବ ।

୧୦. ହସ୍ତଗତ ହୋଇଥିବା ଯେକୌଣସି ବା ସମସ୍ତ ପ୍ରସ୍ତାବ କୁ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଖାରଜ କରିପାରିବେ ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

Scanned with CamScanner

ଜ୍ଞାପକ ସଂଖ୍ୟା 7333 ତା 8/11/23

ଏହାର ଏକକିତା ନକଲ ସମ୍ମାନୀୟ ଜିଲ୍ଲାପାଳ, କେନ୍ଦ୍ରାପଡା / ପ୍ରକଳ୍ପ ନିର୍ଦ୍ଦେଶକ, DUDA କେନ୍ଦ୍ରାପଡା ଙ୍କ ଅବଗତି ନିମନ୍ତେ ଓ DIO, NiC, କେନ୍ଦ୍ରାପଡା ଙ୍କୁ District web portal https://kendrapada .nic.in / ରେ ଅପଲୋଡ଼ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

ଜ୍ଞାପକ ସଂଖ୍ୟା 7334 ତା 8/11/23

ଏହାର ଏକକିତା ନକଲ I&PR ବିଭାଗ, ଭୁବନେଶ୍ୱର, ଓଡିଶା ଙ୍କ ଦ୍ୱାରା ଯେକୌଣସି ଏକ ଓଡ଼ିଆ ଖବର କାଗଜ ରେ ଛାପିବାକୁ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡା ପୌରପରିଷଦ

Scanned with CamScanner